## ସଂକ୍ଷେପରେ

### ଚୋରା କୋଇଲା ଜବତ

ତାଳଚେର, ୨୩।୧୨(ନି.ପ୍ର.)- ତାଳଚେର ଥାନା ପୋଲିସ ରବିବାର ପ୍ରମୋଦ ପ୍ରସାଦ, ସ୍କଟଲାଣ୍ଡପୁର ଓ ଯୁବରାଜ ହାଇସ୍କୁଲ ପଛ ପାଖ ଅଞ୍ଚଳରେ ଚଢ଼ାଉ କରି ୧୨୦ ଟନ ଚୋରା କୋଇଲା ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ସୌଭାଗ୍ୟ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ବାହାରକୁ ଚାଲାଣ ନିମନ୍ତେ ସେଠାରେ ଗଦାଇ ରଖାଯାଇଥିବା ଉକ୍ତ କୋଇଲାକୁ ପୋଲିସ ଜବତ କରି ଲିଙ୍ଗରାଜ ଖଣି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲା।

### ବାଲ୍ୟ ବିବାହ, ଯୌତୁକ ପ୍ରଥାକୁ ବିରୋଧ

ଅନୁଗୋଳ ଅଫିସ, ୨୩।୧୨- ଅନୁଗୋଳ ଜିଲା ଟାଇଁସି ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଟାଇଁସି ଗ୍ରାମରେ ନାରୀଶିକ୍ଷା ଉପରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୁବ ବାହିନୀ ସଭାପତି ବିଶ୍ୱଜିତ ପ୍ରଧାନ ସଭାପତିତ୍ୱ କରିଥିଲେ। ପଦଯାତ୍ରା ଟାଇଁସି ଶିବ ମନ୍ଦିରରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାହାସବାଡି ଠାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୌତୁକ ଓ ବାଲ୍ୟ ବିବାହକୁ ବିରୋଧ କରାଯାଇଥିଲା। ଟାଇଁସି ସେବା ଅନୁଷ୍ଠାନ ସଭାପତି ଭକ୍ତିପ୍ରସାଦ ପ୍ରଧାନ, ବିଜୁ ଯୁବ ବାହିନୀ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ସୁବ୍ରତ ପ୍ରଧାନ, ସଦସ୍ୟା ରସବତୀ ପ୍ରଧାନ, ସରିତା ପ୍ରଧାନ, ସୁପ୍ରଭା ସାହୁ, ସଦସ୍ୟ ବିଶ୍ୱଜିତ ସାହୁ, ଲମ୍ବୋଦର ବେହେରା, ସୁନୀଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଅଭୟ କୁମାର ସାମଲ ସଭାପତି ନିର୍ବାଚିତ



ଅନୁଗୋଳ ଅଫିସ, ୨୩।୧୨- ଅନୁଗୋଳ ଜିଲା ପୋଲିସ ହାବିଲଦାର ଓ କନଷ୍ଟେବଲ ଶାଖା ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅଭୟ କୁମାର ସାମଲ, ଉପସଭାପତି ରିଙ୍କୁ କୁମାର ଭୁକ୍ତା, ସମ୍ପାଦକ ବିକାଶ ଚନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ଦୁଷ୍ମନ୍ତ କୁମାର ସାହୁ, ସହ ସମ୍ପାଦକ ଗୁରୁଦେବ ସାହୁ ଓ ରତନ କୁମାର ଦେହୁରୀ ନିର୍ବାଚିତ ହୋଇଛନ୍ତି। ସେହିଭଳି ସଭ୍ୟ ଭାବେ କାଳନ୍ଦୀ ଚରଣ ଧଳ, ଅଭିରାମ ନାୟକ, ଧୋବେଇ ନାୟକ, ମାମୁଲି ନାୟକ, ଶିବାନନ୍ଦ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

### ପାଠ୍ୟକ୍ରମ ସମ୍ପର୍କରେ ସଚେତନତା

ବଇଣ୍ଡା,୨୩।୧୨(ଡି.ଏନ.ଏ.)- ଇଗ୍ନୋର ଦୂର ଶିକ୍ଷା କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ କିଶୋରନଗର ବ୍ଲକ ଅଙ୍ଗପଡ଼ା ଆଞ୍ଚଳିକ ମହାବିଦ୍ୟାଳୟ ଓ କିଶୋରନଗର ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଓ ଅଙ୍ଗପଡ଼ା କଲେଜ ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ତପନ ପରିଡ଼ା, ସୁଧାକର ସାହୁ, ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ, ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇଗ୍ନୋର ସାର୍ଟିଫିକେଟ କୋର୍ସ, ଶାଶ୍ୱତ ଡିପ୍ଲୋମାରେ କିଭଳି ନାମ ଲେଖି ପାରିବେ ସେ ବିଷୟରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ଏକ ସଚେତନତା ରଥ ସହରର ବିଭିନ୍ନ ଜାଗା ପରିକ୍ରମା କରି ପ୍ରଚାର ପତ୍ର ବଣ୍ଟନ କରିଥିଲା। ଅଭିଷେକ ମହାପାତ୍ର, ରମେଶ ଚନ୍ଦ୍ର ଦେହୁରୀ, ପ୍ରଦୀପ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ତ୍ରିଧାରା ସାହିତ୍ୟ ସଂସଦ ବୈଠକ

ବଇଣ୍ଡା,୨୩।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଣିନାଳୀଠାରେ ରବିବାର ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ଏକ ବୈଠକ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବିରଞ୍ଚି ନାୟକଙ୍କ ସଭାପତିତ୍ୱରେ ରମେଶ ଚନ୍ଦ୍ର ମିଶ୍ର, ଘନଶ୍ୟାମ ସାହୁ, ମନୋଜ ମହାପାତ୍ର, ଭଗବାନ ଘିଓ୍ୱାଲା, ସଚ୍ଚିଦାନନ୍ଦ ସାହୁ, ଗଣପତି ସ୍ୱାଇଁ, ପ୍ରମୋଦ ପ୍ରଧାନ, ଗୁଣନିଧି ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଜାନୁୟାରୀ ୨୦ରେ ସଂସଦର ବାର୍ଷିକ ଉତ୍ସବ ଭୁବନେଶ୍ୱରଠାରେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ ଉଦ୍‌ଘାଟିତ






ସଙ୍ଗୀତଜ୍ଞ ତାନସେନ ସିଂଙ୍କୁ 'ନାଲକୋ ଚଉଷଠୀ ଯୋଗିନୀ ସମ୍ମାନ' ପ୍ରଦାନ କରୁଛନ୍ତି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ମଞ୍ଚରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବାଲକାଟୀ,୨୩।୧୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମରେ ଅବସ୍ଥିତ ତନ୍ତ୍ରପୀଠ ମହାମାୟା ଚଉଷଠୀ ଯୋଗିନୀ ପୀଠର ସାଂସ୍କୃତିକ ମଣ୍ଡପରେ ରବିବାର ଦ୍ୱାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଷ୍ଟେଟ ନିର୍ଦ୍ଦେଶକ ଆଇଏଏସ ହେମନ୍ତ କୁମାର ପାଢ଼ୀ ଏବଂ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ଯୋଗଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ କଣ୍ଠଶିଳ୍ପୀ ତାନ୍‌ସେନ ସିଂଙ୍କ କଣ୍ଠଦାନରୁ, 'ତୋ ଭଙ୍ଗା ଦେଉଳ ମଲମ'ରୁ ଆରମ୍ଭ ହୋଇ 'ମୁଁ ଯେ ଏକ ପାଗଳ ଭଅଁର'ରେ ଶେଷ ହୋଇଥିଲା। ଦ୍ୱିତୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନର ଶିଷ୍ୟମାନେ ପରିବେଷଣ କରିଥିଲେ। ଗୁରୁ ପ୍ରତିଭା ପଣ୍ଡାଙ୍କ ନେତୃତ୍ୱରେ ଶିଷ୍ୟମାନେ 'ବୋଧିସତ୍ତ୍ୱ' ପରିବେଷଣ କରିଥିଲେ। ପରେ ଜାମସେଦପୁରରୁ ଆସିଥିବା କଳାକାରମାନେ ଗୁରୁ ସନ୍ଦୀପ ବୋଷଙ୍କ ନିର୍ଦ୍ଦେଶନାରେ ସମ୍ବଲପୁର ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ସଂଗୀତଜ୍ଞ ତାନସେନ ସିଂଙ୍କୁ ଅନୁଷ୍ଠାନ ପକ୍ଷରୁ ନାଲକେ ଚଉଷଠୀ ଯୋଗିନୀ ସଙ୍ଗୀତ ସମ୍ମାନ ଓ ନାଟ୍ୟକାର ମନୋଜ ପଟ୍ଟନାୟକଙ୍କୁ ନାଲକୋ ଚଉଷଠୀ ଯୋଗୀ ନାଟ୍ୟ ସମ୍ମାନ'ରେ ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ମୁଖ୍ୟଅତିଥି ମନ୍ତ୍ରୀ ବେହେରା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଇଂ ମିଳନ ଓ ଅଭିନେତ୍ରୀ ମଧୁମିତା ମହାନ୍ତି ସଂଯୋଜନା କରିଥିଲେ।

# 'ଛାତ୍ରୀଛାତ୍ରମାନେ ସେବା ମନୋଭାବ ରଖନ୍ତୁ'

**ତାଳଚେର, ୨୩।୧୨(ନି.ପ୍ର.)**

ଅନୁଗୋଳ ଜିଲା ଯୁବ ରେଡକ୍ରସ ପକ୍ଷରୁ ସ୍ଥାନୀୟ ଗଡତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ତିନି ଦିନିଆ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ୪୬ଟି ମହାବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀ, କାଉନସେଲରମାନେ ଏଥିରେ ଯୋଗ ଦେଇ ରେଡକ୍ରସର ଇତିହାସ, ଏଡ୍‌ସ, ପ୍ରାଥମିକ ଚିକିତ୍ସା, ଗ୍ଲୋବାଲ ୱାର୍ମିଂ, ବିପର୍ଯ୍ୟୟ ପରିଚାଳନା ସେବା, ସଡକ ସୁରକ୍ଷା, ସ୍ୱଚ୍ଛ ଭାରତ ଓ ଯୋଗ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟଅତିଥି ଭାବେ ତାଳଚେରର ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର ଯୋଗ ଦେଇ ଛାତ୍ରୀଛାତ୍ର ଓ ଯୁବସମାଜ ସେବା ମନୋବୃତ୍ତି ରଖିବା ଏବଂ ସୁରକ୍ଷିତ ଯାତ୍ରା ନିମନ୍ତେ ବାଇକ୍ ଚାଳନା ବେଳେ ହେଲମେଟ ପରିଧାନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତାଳଚେର ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ସାହୁ ଯୋଗ ଦେଇ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ। ଅନୁଗୋଳ ଜିଲା ଯୁବ ରେଡକ୍ରସ ସଂଯୋଜକ ପ୍ରାଧ୍ୟାପକ ସରୋଜ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଗଡତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅଧ୍ୟକ୍ଷତା କରିଥିଲେ। ରଞ୍ଜିତ ଗୁରୁ ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

# 'ରାଷ୍ଟ୍ର ହିତରେ ଲେଖନୀ ଚାଳନା ସମୟର ଆବଶ୍ୟକତା'

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଗୋଟିଏ ଜାତିର ଆତ୍ମା ରାଷ୍ଟ୍ର ନିର୍ମାଣର ଆନୁଷଙ୍ଗିକ ସଂସ୍କାର ଓ ସଂସ୍କୃତି ଭିତରେ ଥାଏ। ଯେଉଁ ରାଷ୍ଟ୍ର ଯେତେ ସଂସ୍କାର ସମ୍ପନ୍ନ ସେ ରାଷ୍ଟ୍ର ବିଶ୍ୱ ଦରବାରରେ ସେତେ ମର୍ଯ୍ୟାଦାବନ୍ତ। ରାଷ୍ଟ୍ରର ସାମୂହିକ ଅଭିବୃଦ୍ଧି ରାଷ୍ଟ୍ର ସମ୍ପର୍କରେ ଲେଖୁଥିବା ଉନ୍ନତ ଲେଖନୀର ସଫଳ ରୂପାୟନ। ରାଷ୍ଟ୍ର ଚେତନାର ଉତ୍ତରଣକୁ ଠିକ୍ ଭାବେ ଉପସ୍ଥାପିତ କରିବାର ଗୁରୁଦାୟିତ୍ୱ ହେଉଛି ଖବରଦାତାମାନଙ୍କର। ସେମାନେ ଏ ଦିଗରେ ଏକ ଗଠନମୂଳକ ଦାୟିତ୍ୱ ନିର୍ବାହ କଲେ ଆମ ରାଷ୍ଟ୍ର ଉତ୍ତରଣ ପଥରେ ଆଗେଇଯିବ ବୋଲି ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ଆୟୋଜିତ 'ପେନ୍ ଫର ନେଶନ' ଦେଶହିତରେ କଲମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି।

ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର କହିଲେ ଯେ, ଆମ ଭିତରେ ଯାହା ଯେତେ ଖରାପ ଗୁଣ ଅଛି, ତାକୁ ସର୍ବଜନବିଦିତ କରିବାରେ ଜଣେ ସଫଳ ସାମ୍ବାଦିକର ଗୌରବ ନ ଥାଏ ବରଂ ଆମର ଯାହା ମୌଳିକ, ଯାହା ଆମର ଅଛି ମାତ୍ର ଅନ୍ୟମାନଙ୍କର ନାହିଁ ତାହାକୁ ପ୍ରଚାର କରିବାରେ କେବଳ ଆମର ନୁହେଁ, ଆମ ରାଷ୍ଟ୍ରର ଗୌରବ ବୃଦ୍ଧି ପାଇଥାଏ। ପାଶ୍ଚାତ୍ୟ ଶିକ୍ଷାର ଦୁହାଇ ଦେଇ ଭାରତୀୟ ସଂସ୍କାରର ଅବମାନନା କରିବା ଏକ ରାଷ୍ଟ୍ରପ୍ରେମୀର ଲକ୍ଷଣ ନୁହେଁ ବୋଲି ଡ. ମିଶ୍ର କରିଥିଲେ। ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶାର ସଭାପତି ଅଧ୍ୟାପକ ନିରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ, ଯେଉଁ ଲେଖା ଲେଖିବା ଦ୍ୱାରା ରାଷ୍ଟ୍ରର ହିତ ସାଧିତ ହୁଏ, ସମ୍ବାଦପତ୍ରର ଖବରଦାତା ଓ ସ୍ତମ୍ଭ ଲେଖକମାନେ ସେଭଳି ଲେଖା ଲେଖିବାରେ ମନୋନିବେଶ କଲେ ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହେବ। ଏ ସଂକ୍ରାନ୍ତରେ ଚିନ୍ତନ, ମନନ ଓ ବିଚାର ବିଶ୍ଲେଷଣ କରିବା ପାଇଁ ଦେଶହିତରେ କଲମ ବା 'ପେନ୍ ଫର ନେଶନ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ବୋଲି ସେ କହିଥିଲେ। ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ପ୍ରତିଷ୍ଠାନର ଅଧ୍ୟାପକ ହୃଷୀକେଶ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ତଥା ନାରଦ ସମ୍ମାନ ବିଜେତା ରାଜାରାମ ଶତପଥୀ, ଦିଲୀପ ଶତପଥୀ ଓ ଅମରେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ବିଶଦ୍ ଆଲୋଚନା କରିବା ସହ ଖବରଦାତା, ସ୍ତମ୍ଭ ଲେଖକ ଓ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ବୋହୂଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

**ଛେଣ୍ଡିପଦା,୨୩।୧୨(ସ୍ୱ.ପ୍ର.)**

ଅଧିକ ଯୌତୁକ ଦାବିରେ ଛେଣ୍ଡିପଦା ଥାନା ବାଲିପଟା ଗ୍ରାମରେ ଜନୈକା ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ବିଷ ପିଆଇ ମାରିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ମହିଳାଙ୍କ ବାପା ନିରଞ୍ଜନ ସାହୁ ଅଭିଯୋଗ କରିଛନ୍ତି।

ପୋଲିସ କହିଛି, ଉକ୍ତ ଗ୍ରାମର ନିରଞ୍ଜନଙ୍କ ଝିଅ ମିନି ସାହୁ ୩ବର୍ଷ ହେବ ସେହି ଗ୍ରାମର ସୁଶିଳ ମାଝିଙ୍କ ପୁଅ ସିଲୁ ମାଝିଙ୍କୁ ବିବାହ କରିଥିଲେ। କିଛିଦିନ ହେବ ମିନିଙ୍କୁ ତାଙ୍କ ଦିଅର ମିଟୁ ମାଝି, ଶାଶୁ ଶୁଳ ମାଝି, ଶ୍ୱଶୁର ସୁଶିଳ ମାଝି ୪୦ ହଜାର ଟଙ୍କା ଓ ଫ୍ରିଜ ଆଣିବାକୁ କହିବା ସହିତ ଗାଳିଗୁଲଜ କରିଥିଲେ। ଶନିବାର ଅପରାହ୍ନରେ ସ୍ୱାମୀ, ଦିଅର, ଶାଶୁ, ଶ୍ୱଶୁର ମିଶି ମିନିଙ୍କୁ ମାଡ ମାରିବା ସହିତ ବିଷ ପିଆଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ନିରଞ୍ଜନଙ୍କୁ ଜଣାଇ ନ ଥିଲେ। ପରେ ଖବରପାଇ ନିରଞ୍ଜନ ସନ୍ଧ୍ୟାରେ ଡାକ୍ତରଖାନାରେ ପହଞ୍ଚି ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ମିନିଙ୍କୁ ସେଠାରୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ନଂ. ୩୬୫/୧୮ରେ ଏକ ମାମଲା ରୁଜୁ କରାଯାଇଛି। କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ନିର୍ମଳା ଗଛାୟତ ପ୍ରକାଶ କରିଛନ୍ତି।

## ଗଣ୍ଡମାଳା ସମିତିରେ ଧାନ କିଣା ଆରମ୍ଭ

**କଣିହାଁ,୨୩।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଥାନା ଗଣ୍ଡମାଳା ସେବା ସମବାୟ ସମିତି ଧାନମଣ୍ଡି ରବିବାର ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ତାଳଚେର ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ ପ୍ରଦୀପ କୁମାର ଦାସ, ସମିତି ସଭାପତି ବିନୟ କୁମାର ନନ୍ଦ, ସରପଞ୍ଚ ଦେବରାଜ ଦାସ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଚାଷୀଙ୍କଠାରୁ ୧୯୪.୬୨ କୁଇଣ୍ଟାଲ ଧାନ କିଣାଯାଇଥିଲା। ସମିତି ସମ୍ପାଦକ ମାନସ ନନ୍ଦ କହିଛନ୍ତି, ଏହି ସମିତିରେ ଶୁଖୁବା, ଗଣ୍ଡମାଳା, ଅର୍କୀଳ ପଞ୍ଚାୟତ ଚାଷୀମାନେ ଅମଳ ଧାନ ବିକ୍ରି କରିପାରିବେ। ପ୍ରାଥମିକ ଧାର୍ଯ୍ୟ ଲକ୍ଷ୍ୟ ୧୮ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରକୃତ ଚାଷୀ ଉପଯୁକ୍ତ ଧାନ ମଣ୍ଡିରେ ବିକ୍ରି କରନ୍ତୁ ବୋଲି ସେ ପ୍ରକାଶ କରିଛନ୍ତି।

# ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ବନ୍ତଳା, ୨୩।୧୨ (ଡି.ଏନ.ଏ)**

ଅନୁଗୋଳ ଜିଲା ବନ୍ତଳା ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମନମୋହନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପଦ୍ମଚରଣ ସାହୁ ସଂଯୋଜନା କରିଥିଲେ। ଅତିଥି ଭାବରେ ଅଧ୍ୟାପକ ବିବେକାନନ୍ଦ ପଟ୍ଟନାୟକ, ଅନିଲ ପ୍ରଧାନ, ଗଙ୍ଗାଧର ସାହୁ, ଅଶୋକ ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ସାହୁ, ଗୌରବ ଦେହୁରୀ, ପ୍ରୀତମ ପ୍ରଧାନ, ଅଧ୍ୟାପିକା ଆନନ୍ଦକ୍ରିଷ୍ଣା ପ୍ରଧାନ, ସୁଶ୍ରୀ ସଙ୍ଗୀତା ମିଶ୍ର, ପୁନମ ସାମଲ, ସୋନାଲି ପ୍ରଧାନ, ବିଶ୍ୱେଶ୍ୱର ବିଶୋଇ, ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରେନର ଭାବରେ ସଙ୍ଗୀତା ପ୍ରଧାନ, ଦେବଜାନୀ ଦଳବେହେରା ଓ ଅନୁପମା ଅମାନ୍ତ ଯୋଗ ଦେଇଥିଲେ। ଏହି ଶିବିର ୧୨ ଦିନ ଧରି ଶିବିର ଚାଲିବ। ପ୍ରଥମ ଦିନରେ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇ ତାଲିମ ନେଇଥିଲେ।



ଛାତ୍ରୀଙ୍କୁ ତାଲିମ ଦିଆଯାଉଛି।

# କେନ୍ଦ୍ର ଅବହେଳାର ଜବାବ ଦିଅ



**ଅନୁଗୋଳ ଅଫିସ, ୨୩।୧୨**

ଅନୁଗୋଳ ବିଜେଡି ୨ନମ୍ବର ଜିଲା ପରିଷଦ ଜୋନର ସମସ୍ତ ୱାର୍ଡ କମିଟି ସଭ୍ୟାସଭ୍ୟଙ୍କ ଏକ କର୍ମଶାଳା ପଞ୍ଚମହଲା ଆମ୍ବଡୋଟା ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଦଳର ଜିଲା ସଭାପତି ରଜନୀକାନ୍ତ ସିଂ ଯୋଗଦେଇ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ଓ ଅର୍ଥନୈତିକ ଅସହଯୋଗ ଉପରେ ଆଲୋକପାତ କରିଥିଲେ। ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦେବା ପାଇଁ ସେ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଜିଲା ପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ, ସଭ୍ୟା ରୁବି ସାହୁ, ଭାଗୀରଥି ମାଝି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁଜିତ ଦ୍ୱିବେଦୀ, ଜିଲା ଛାତ୍ର ସଭାପତି ରାଜୀବ ଲୋଚନ ଦାସ, ସରୋଜ ନାରାୟଣ ସାହୁ, ସରୋଜ ନାଏକ, ଅଜିତ ଦ୍ୱିବେଦୀ, ଧ୍ରୁବ ଦଳବେହେରା, ପ୍ରକାଶ ବେହେରା, ଜ୍ୟୋତ୍ସ୍ନା ନାଏକ, ଦୁର୍ଯ୍ୟୋଧନ ସାହୁ, ପ୍ରଶାନ୍ତ ପ୍ରଧାନ, ଦେବରାଜ ସାହୁ, ବିନୋଦ ସାହୁ, ଲକି ନନ୍ଦ, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

■ସରପଞ୍ଚ କଲେନି, ଗ୍ରାମବାସୀ କଲେ

# ଚାନ୍ଦାରେ ନିର୍ମାଣ ହେଲା ଶ୍ମଶାନ ଘର

**ବନ୍ତଳା, ୨୩।୧୨ (ଡି.ଏନ.ଏ.)**

ଗାଁ ବାହାରେ ଦେହୁରୀ ନିକଟସ୍ଥ ସରକାରୀ ଓ ବେସରକାରୀ ଜାଗାରେ ଥିବା ଶ୍ମଶାନରେ ଏକ ଘର ନିର୍ମାଣ ପାଇଁ ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମବାସୀ ବାରମ୍ବାର ଦାବି କରିଆସିଛନ୍ତି। କିନ୍ତୁ ପଞ୍ଚାୟତ ପକ୍ଷରୁ ଗ୍ରାମବାସୀଙ୍କୁ ଉପଯୁକ୍ତ ସହଯୋଗ କରାଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଗାଁର ଲୋକ ସଂଖ୍ୟା ୮ ହଜାର ହୋଇଥିବା ବେଳେ ସରପଞ୍ଚ ସେମାନଙ୍କ ଦାବିକୁ ଗୁରୁତ୍ୱ ନ ଦେଇ ମାତ୍ର ୨ଶହ ଲୋକ ରହୁଥିବା ୧ ନଂ ୱାର୍ଡ ଡିପସାହି ଧୋବାତୁଠ ନିକଟ ଶ୍ମଶାନରେ ଘର ନିର୍ମାଣ କରାଉଥିବାରୁ ପୋକତୁଙ୍ଗାରେ ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ଗ୍ରାମବାସୀ ନିଜେ ଚାନ୍ଦା ଆଦାୟ କରି ଦେହୁରୀ ନିକଟ ଶ୍ମଶାନରେ ଘର ନିର୍ମାଣ କରିବା ଚର୍ଚ୍ଚାର ବିଷୟ ହୋଇଛି।



ଗ୍ରାମବାସୀ ଶ୍ମଶାନ ଘର ନିର୍ମାଣ କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପ୍ରତ୍ୟେକ ଗ୍ରାମସଭା ଓ ପଲ୍ଲିସଭାରେ ଉକ୍ତ ସ୍ଥାନରେ ଶ୍ମଶାନ ଘର ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଶୀତ, ବର୍ଷା ଓ ଖରାରେ ଶବଦାହ କରାଯାଉଛି। ଚଳିତ ବର୍ଷ ଶ୍ମଶାନ ଘର ନିର୍ମାଣ କରିବା ପାଇଁ ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ଅନୁଦାନ ଆସିଛି। କିନ୍ତୁ ସରପଞ୍ଚଙ୍କ ମନମୁଖୀ ଭାବେ ୧ ନଂ ୱାର୍ଡ ଡିପସାହି ଧୋବାତୁଠ ନିକଟରେ ଶ୍ମଶାନ ଘର ନିର୍ମାଣ କରାଉଛନ୍ତି। ତେଣୁ ନିରାଶ ଗ୍ରାମବାସୀ ବାଧ୍ୟ ହୋଇ ନିଜେ ଟଙ୍କା ସଂଗ୍ରହ କରି ଶ୍ମଶାନ ଘର ନିର୍ମାଣ କରିଛନ୍ତି। ଗ୍ରାମର ବିବେକାନନ୍ଦ ପ୍ରଧାନ, ଗୌତମ ଦେହୁରୀ ଓ ଭାବଗ୍ରାହୀ ଦେହୁରୀଙ୍କ ନେତୃତ୍ୱରେ ଦିନେଶ ଦେହୁରୀ, ପ୍ରଫୁଲ୍ଲ ପ୍ରଧାନ, ପ୍ରଶାନ୍ତ ସାମଲ, ଜୟନ୍ତ ସାହୁ, ଦୁଷ୍ମନ୍ତ ଦେହୁରୀ, ଗାନ୍ଧୀ ପ୍ରଧାନ, ରଞ୍ଜନ ସାହୁ, ବିନୋଦ ପ୍ରଧାନ, ଦୁଲ୍ଲଭ ପ୍ରଧାନ, ସୁରେଶ ଦେହୁରୀ, ସୁଲଭ ଦେହୁରୀ, ଶରତ ସାହୁ, ମନୋଜ ପ୍ରଧାନ ପ୍ରମୁଖ ଏଥିପାଇଁ ଚାନ୍ଦା କରି ଦେଇଥିବାରୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି। ଅଭିଯୋଗ ସମ୍ପର୍କରେ ସରପଞ୍ଚ ରିନାରାଣୀ ପ୍ରଧାନ କହିଛନ୍ତି, ସେଠାରେ ଶ୍ମଶାନ ଘର ନିର୍ମାଣ ପାଇଁ ଆବଶ୍ୟକ ଜାଗା ନାହିଁ। ସେଥିପାଇଁ ଡିପସାହିରେ କରାଯାଇଛି। ଆଗାମୀ ଦିନରେ ପୋକତୁଙ୍ଗା ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରାଯିବ।

## ସଂକ୍ଷେପରେ

### ଖଙ୍କିରା କପ୍ କ୍ରିକେଟ: ୱାଇସିସି ଛତିଆ ବିଜୟୀ

**ଢେଙ୍କାନାଳ ଅଫିସ, ୨୩।୧୨:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରାରେ ଚାଲିଥିବା ୨୬ତମ ଖଙ୍କିରା କପ୍ କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ୱାଇସିସି ଛତିଆ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ପିସିସି ଛତିଆ ୨୨ ଓଭରରେ ୧୮୪ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ୱାଇସିସି ୨୦.୪ ଓଭରରେ ୧୮୫ ରନ କରି ବିଜୟୀ ହୋଇଥିଲା। ୩୪ ବଲ୍‌ରୁ ୪୬ ରନ୍ କରିଥିବା ବିଜୟୀ ଦଳର ଲିଟନ ବାରିକ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷିତ ହୋଇଥିଲେ। ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଂଗ୍ରାମ ଶତପଥୀ ଅତିଥି ଭାବେ ଯୋଗଦେଇଥିଲେ। ଅଶୋକ ବେହେରା, ଅଜୟ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରସନ୍ନ ପତି, ରାଜେଶ ସାହୁ ଧାରାବିବରଣୀ ଦେଇଥିଲେ।

### ବ୍ଲକସ୍ତରୀୟ ମିନାମେଳା

**ରାସୋଳ, ୨୩।୧୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଗଣ୍ଡାନାଳୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବ୍ଲକସ୍ତରୀୟ ମିନାମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ମାଧମିକ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ନବକିଶୋର ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଷ୍ଟା ଶାଖା ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ତପନ ସାମଲ ଅତିଥି ଭାବେ ମଞ୍ଚାସୀନ ଥିଲେ। ତର୍କ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଏକକ ଅଭିନୟ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଠାରୁ ଚୟନ ହୋଇଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶିକ୍ଷକ ବିମଳ ସାମଲ, ଅରୁଣ ଶତପଥୀ, ଗୌରଚନ୍ଦ୍ର ଜେନା, ଗୁଣନିଧି ଖଟୁଆ, ସୁବାସ ଖୁଣ୍ଟିଆଳ, ସୁଶାନ୍ତ ପାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଅବସର ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨୩।୧୨:** ଗଁଦିଆ ବ୍ଲକ ଗୋରଡ଼ାପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ସାହୁଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କରମୂଳସ୍ଥିତ ଗଣେଶଖୋଲା ମନ୍ଦିରରେ ଗୁଣ୍ଡୁଲେଇ ପ୍ରାଥମିକ ବିଦ୍ୟାଳୟର କୁଳମଣି ମହାଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ଅକ୍ଷୟ ମିଶ୍ର, ମଠତେନ୍ତୁଲିଆ ସିଆର୍‌ସିସି ଅଭୟ ପାଣିଗ୍ରାହୀ, ଅଭୟ ସାହୁ, ଅମ୍ବୁଜ ସାହୁ, ଶ୍ରୀବତ୍ସ ବେହେରା, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପଞ୍ଚାନନଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। କ୍ରୀଡ଼ା ଶିକ୍ଷକ କୃତ୍ତିବାସ ସ୍ୱାଇଁ, ସାମାଜିକକର୍ମୀ ପ୍ରଦ୍ୟୁମ୍ନ ପଣ୍ଡାଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ପୋଡ଼ିହୋଇ ବୃଦ୍ଧା ଗୁରୁତର

**ପରଜଙ୍ଗ, ୨୩।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଡମୋଳ ଗ୍ରାମର ପାର୍ବତୀ ସାମଲ ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ଶନିବାର ରାତି ପ୍ରାୟ ୯ଟାବେଳେ ଘର ନିକଟରେ ଧୁନି ଜଳାଇଥିବାବେଳେ ଅସାବଧାନତାରୁ ଲୁଗାରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

### ବହୁଭାଷୀ ନାଟକ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୩।୧୨:** ଢେଙ୍କାନାଳ ଶ୍ରୀଗୁରୁକୁଳ ଶିକ୍ଷାନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଟାଉନ୍‌ହଲରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ। ରବିବାର ଦ୍ୱିତୀୟ ଦିବସରେ ଏକକ ନୃତ୍ୟ ଅଭିନୟ, ରଙ୍ଗଭରୋ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ଶ୍ରୁତଲିଖନ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ରାଜ୍ୟସ୍ତରୀୟ ବହୁଭାଷୀ ନାଟକ ପ୍ରତିଯୋଗିତାରେ ଭାପୁର ସରାକପାଟଣାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପିଲାମାନେ ସଂସ୍କୃତ ନାଟକ ପରିବେଷଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ସର୍ବଭାରତୀୟ ଆଇଟିଆଇ ସଂଘର ପୂର୍ବାଞ୍ଚଳ ସମ୍ପାଦକ ଅଧ୍ୟାପକ ତାରାପ୍ରସନ୍ନ ଶତପଥୀ ଉପସ୍ଥିତ ରହି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ ରଣାଙ୍କ ତତ୍ତ୍ୱାବଧାନରେ ସଭାପତି ପରେଶ ପଟ୍ଟନାୟକ, ଶିଶୁ ଉତ୍ସବ କମିଟି ସଭାପତି ଗଗନ ବିହାରୀ ନନ୍ଦ, ବୀରାଲକ୍ଷ୍ମୀ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ମାଲିକଙ୍କ ମାଡ଼ରେ ଟିପ୍ପର ଚାଳକ ମୃତ

**ଓଡ଼ାପଡ଼ା, ୨୩।୧୨(ଡି.ଏନ.ଏ.)**

- ନ୍ୟାୟ ଦାବିରେ ବିକ୍ଷୋଭ
- ୨ ଘଣ୍ଟା ରାସ୍ତାରୋକୋ
- ଅଭିଯୁକ୍ତ ଫେରାର, ସହଯୋଗୀ ଅଟକ


ଅଞ୍ଚଳବାସୀ ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ଟିପ୍ପର ମାଲିକଙ୍କ ମାଡ଼ରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ପୋଡ଼ାପଡ଼ା ଗ୍ରାମର ରାମଚନ୍ଦ୍ର ବେହେରା (୪୭)ଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଅଞ୍ଚଳବାସୀ ଅପରାହ୍ନ ୧ଟାରୁ ୩ଟା ଯାଏ ୫୫ନଂ. ଜାତୀୟ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଥାନାଧିକାରୀ ପ୍ରଭାତ ତ୍ରିପାଠୀ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ୫ହଜାର ଟଙ୍କା ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ରାମଚନ୍ଦ୍ରଙ୍କ ଘର ପୋଡ଼ାପଡ଼ା ଗ୍ରାମରେ। ସେ ଗ୍ରାମର ରାକେଶ କରଣଙ୍କ ଟିପ୍ପର ଚଳାଉଥିଲେ। ଶନିବାର ସନ୍ଧ୍ୟାରେ ଟିପ୍ପରଟି ଅନ୍ୟ ଏକ ଗାଡ଼ି ସହ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟିପ୍ପରର କିଛି ଅଂଶ ଭାଙ୍ଗିଯାଇଥିଲା। ଏ ନେଇ ରାମଚନ୍ଦ୍ର ଟେଲିଫୋନ ଯୋଗେ ମାଲିକଙ୍କୁ ଜଣାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରାକେଶ ଏବଂ ତାଙ୍କର ସହଯୋଗ ସୁଶାନ୍ତ ବିଶ୍ୱାଳଙ୍କ ସହିତ ଆସି ରାମଚନ୍ଦ୍ରଙ୍କୁ ନିସ୍ତୁକ ପିଟିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଓଡ଼ାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଏବଂ ପ୍ରାଥମିକ ଚିକିତ୍ସା ପରେ ଘରକୁ ନେଇ ଆସିଥିଲେ। ରାତି ପ୍ରାୟ ୨ଟାରେ ରାମଚନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ସଙ୍କଟାପନ୍ନ ହୋଇଯାଇଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଅଧିକ ବିଗିଡ଼ିବାରୁ ରବିବାର ଭୋର୍ ସମୟରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପହଞ୍ଚିବାପରେ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଅଞ୍ଚଳବାସୀ ଘଟଣାର ତୀବ୍ର ବିରୋଧ କରିବା ସହ ଜାତୀୟ ରାଜପଥ ଉପରେ ବସିରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏ ସମ୍ପର୍କରେ ରାମଚନ୍ଦ୍ରଙ୍କ ବାପା ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଭିଯୋଗକ୍ରମେ ନଂ. ୨୨୧/୧୮, ଦଫା ୩୪୧, ୩୦୭, ୩ ଏସ୍‌ସି/ଏସ୍‌ଟି (ଏ) ଆକ୍ଟରେ ମାମଲା ରୁଜୁ କରାଯାଇଛି। ଏ ନେଇ ଥାନାଧିକାରୀ କୁହନ୍ତି, ରାମଚନ୍ଦ୍ରଙ୍କ ମୃତ୍ୟୁ ମାମଲାର ତଦନ୍ତ ଆରମ୍ଭ ହୋଇଛି। ଛାନଭିନ୍ ପରେ ଆବଶ୍ୟକ ତଥ୍ୟ ଆଧାରରେ ହତ୍ୟା ମାମଲା ରୁଜୁ କରାଯିବ। ମୁଖ୍ୟ ଅଭିଯୁକ୍ତ ରାକେଶ ଫେରାର ଅଛନ୍ତି। ସୁଶାନ୍ତଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ସେ ସୂଚନା ଦେଇଛନ୍ତି।


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ**

# ରାଜ୍ୟସ୍ତରକୁ ଗଲେ ୧୦ ପ୍ରତିଯୋଗୀ

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ୍ ଉଚ୍ଚ ବିଦ୍ୟାଳୟରେ ଶନିବାର ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ଓଷ୍ଟା ସଂଘର ସଭାପତି ଅମ୍ବରୀଶ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସରୋଜ କୁମାର ସାମଲ, ମୁଖ୍ୟବକ୍ତା ପ୍ରଫେସର ଧନେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ଓଷ୍ଟା ସଭାପତି ଶଶାଙ୍କ ଶେଖର ରଥ, ଅକ୍ରୂର ବିଶ୍ୱାଳ, ଲକ୍ଷ୍ମୀଧର ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ବିପ୍ରବର ସାହୁ, ଶ୍ରୀରାମ ରାଉତ, ଜିଲା ଆମ୍ବେଡ଼କର ସୋସାଇଟିର କୈଳାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାସ୍ତରରୁ ୧୦ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ସେମାନେ ଚଳିତମାସ ୨୬ରୁ ୨୮ ତାରିଖ ଯାଏ କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗଦେବେ। ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଇଓ ସୁଧାନନ୍ଦ ପରିଡ଼ା ଯୋଗଦେଇଥିଲେ।

ସଂଘର ସମ୍ପାଦକ ଅକ୍ଷୟ ସାହୁ, ଯୁଗ୍ମ ସମ୍ପାଦକ ବିଭୂତି ସାମଲ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୀତାମ୍ବର ଦାସ, ବିନୋଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ବିନୋଦ ସାହୁ, ସୁବାସ ଲେଙ୍କା, ସରୋଜକାନ୍ତ ଦାସ, କ୍ଷେତ୍ରବାସୀ ସାହୁ, ଜିତେନ୍ଦ୍ର ମିଶ୍ର, ପ୍ରେମାନନ୍ଦ ସାହୁ, ସୁଦର୍ଶନ ମାଟି, ବିମଳ ସାମଲ, ଅକ୍ଷୟ ପଣ୍ଡା, ମହେଶ୍ୱର ସାହୁ, ସନ୍ତୋଷ ସାହୁ, ସଦାନନ୍ଦ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

**ବାର୍ଷିକ ପୁରସ୍କାର ବିତରଣ ଉତ୍ସବ**

# ବିଷ୍ଣୁରାଜ, ଅହଲ୍ୟା, ସିକୁନ୍, ଇପ୍‌ସିତା ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୨୩।୧୨**


ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ସଦର ବ୍ଲକ ବାରଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ମଧ୍ୟଇଂଲିଶ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ବିଡିଓ ସରୋଜ ଦତ୍ତ, ସରପଞ୍ଚ ବ୍ରହ୍ମାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ।

ବରିଷ୍ଠ ବାଳକ ବିଭାଗରେ ବିଷ୍ଣୁରାଜ ଜେନା, ବାଳିକାରେ ଅହଲ୍ୟା ରାୟ, କନିଷ୍ଠ ବାଳକରେ ଆର୍.ବି. ସିକୁନ ଶୁଭାଶିଷ, ବାଳିକାରେ ଇପ୍‌ସିତା ମହାରଣା, ସର୍ବକନିଷ୍ଠରେ ରାଜେଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡ଼ା, ବି. ସତ୍ୟନାରାୟଣ ମହାରଣା ଚାମ୍ପିୟନ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା।

ଶିକ୍ଷାକେନ୍ଦ୍ର ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦିଲୀପ ମହାରଣା, ପରିଚାଳନା କମିଟି ସଭାପତି ମହେଶ୍ୱର ସାମଲ, ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ରଥ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ନନ୍ଦ, ଶିକ୍ଷକ ଚନ୍ଦ୍ରମଣି ଦଳବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ପୋଡ଼ିଯାଇ ମହିଳା ମୃତ**

# ହତ୍ୟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଶଙ୍କରପୁର ଗ୍ରାମ ଦଳିତସାହିର ପ୍ରଦୀପ ନାଏକଙ୍କ ସ୍ତ୍ରୀ ଝରଣା ଶନିବାର ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଥିଲେ। ଯୌତୁକ ଦାବି କରି ଶାଶୁଘର ଲୋକେ ଭଉଣୀଙ୍କୁ ପୋଡ଼ି ମାରିଦେଇଥିବା ମୃତା ମହିଳାଙ୍କ ଭାଇ ରାକେଶ ନାଏକ ରବିବାର ଭାପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। କଟକ ଜିଲା ତିଗିରିଆ ଗ୍ରାମର ଝରଣା ୧୩ବର୍ଷ ତଳେ ପ୍ରଦୀପଙ୍କୁ ବିବାହ କରିଥିଲେ। ବିବାହ ପରେ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ଶନିବାର ରାତିରେ ନିଆଁରେ ଝରଣା ପୋଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏ ନେଇ ନଂ. ୫୮୫/୧୮, ଦଫା ୪୯୮(ଏ), ୩୦୨ ଓ ୩୪ରେ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।

# ଦେୟମୁକ୍ତ ଚକ୍ଷୁ ଚିକିତ୍ସା ଶିବିର


ଶିବିରରେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ବଜରଙ୍ଗ କ୍ଲବ ପରିସରରେ ସାଇ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ନିରଞ୍ଜନ ସିଂଙ୍କ ତତ୍ତ୍ୱାବଧାନରେ ସରିତା ବେହେରା, ମୋନାଲିସା ବେହେରା, ଗୁନୁବାଳା ନାୟକ, ଦୀପ୍ତିମୟୀ ବେହେରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶିବିରରେ ବହୁ ଜନସାଧାରଣ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ୭ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ବିନାମୂଲ୍ୟରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ଅତିଥିଭାବେ ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍, ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ ଉପସ୍ଥିତ ଥିଲେ।

କ୍ଲବର ଉପଦେଷ୍ଟା ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, ସଦସ୍ୟ ବିଭୁ ମହାପାତ୍ର, ସନ୍ତୋଷ ସାମଲ, ସନ୍ଦୀପ ଷଡ଼ଙ୍ଗୀ, ଆଶୁତୋଷ କର, ଗଣେଶ୍ୱର ମହାପାତ୍ର, ରୀତେଶ ସିଂ, କୃଷ୍ଣଚନ୍ଦ୍ର ନାୟକ, ଦେବାଶିଷ ମହାପାତ୍ର, ସୌମ୍ୟରଞ୍ଜନ ଶତପଥୀ, ଦେବାଶିଷ ନାୟକ, ପ୍ରିୟବ୍ରତ ସାସ୍ମଲ, ଶିବପ୍ରସାଦ ମହାପାତ୍ର, ରତିରଞ୍ଜନ ପଣ୍ଡା, ଆଲୋକ ଷଡ଼ଙ୍ଗୀ, ବିନୋଦ ବିହାରୀ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ସମାରୋହ


କ୍ରୀଡ଼ା ସମାରୋହରେ ଭାଗ ନେଇଥିବା ପିଲାମାନେ।

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ସଦର ବ୍ଲକ ରଞ୍ଜା କଳାପାଣି ଛକସ୍ଥିତ ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ୫ମ ବାର୍ଷିକ କ୍ରୀଡ଼ା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ସରୋଜକାନ୍ତ ଦାସ ଯୋଗଦେଇ କହିଲେ, କ୍ରୀଡ଼ା ଶିକ୍ଷାର ଅଭିନ୍ନ ଅଙ୍ଗ। ଖେଳୁଆଡ଼ ମନୋଭାବ ନେଇ ସମସ୍ତ ଛାତ୍ରୀଛାତ୍ର ଏଥିରେ ଭାଗନେବାକୁ ସେ ଆହ୍ୱାନ ଦେଇଥିଲେ। ସବ୍‌ଜୁନିୟର, ଜୁନିୟର, ପ୍ରି-ପ୍ରାଇମେରୀ ଶିଶୁଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତପସ୍ୱିନୀ ବିନ୍ଧାଣିଙ୍କ ନେତୃତ୍ୱରେ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ୍ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଲିଜେଶ୍ୱରୀ ଭୋଇ, ଶୁଭଶ୍ରୀ ବେହେରା, ଜୋସ୍ନାରାଣୀ ମିଶ୍ର, ଭୁବନେଶ୍ୱରୀ ପରିଡ଼ା, ଯଜ୍ଞଦତ୍ତ ସ୍ୱାଇଁ ସହଯୋଗ କରିଥିଲେ। ନେତ୍ରାନନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

**ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍ ଟୁର୍ନାମେଣ୍ଟ**

# ମେଘା, ନୂଆବନ୍ଧ, ଘଟିପିରି କ୍ୱାର୍ଟରରେ

**ରାସୋଳ, ୨୩।୧୨(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ହାଇସ୍କୁଲ ପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଛି ମା' ବ୍ରାହ୍ମଣୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟ। ଥାନାଧିକାରୀ ସନ୍ତୋଷ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ପ୍ରକାଶ ସାମଲ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଶ୍ରୀଗଣେଶ କ୍ରିକେଟ କ୍ଲବ ରାଣୀପାଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ହରାଇ ୧୨୫ ରନ କରିଥିଲା। ଜବାବରେ ଇନ୍ଦ୍ରଧନୁ କ୍ରିକେଟ କ୍ଲବ ମେଘା ୧୨ ଓଭରରେ ୫ ଉଇକେଟ ହରାଇ ୧୨୮ ରନ୍ କରି ବିଜୟୀ ହୋଇଥିଲା। ରବିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ନୂଆବନ୍ଧ ୪ ଉଇକେଟ ହରାଇ ୯୪ ରନ୍ କରିଥିବାବେଳେ ଗୁଡ଼ିଆକାଟେଣୀ ମାତ୍ର ୮୩ ରନ କରିବାକୁ ସକ୍ଷମ ହୋଇଥିଲା। ସେହିପରି ତୃତୀୟ ଲିଗ୍ ମ୍ୟାଚ୍‌ରେ ତିଗିରିଆ ୮୨ ରନ୍ କରିଥିବାବେଳେ ଘଟିପିରି ମାତ୍ର ୩ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମ୍ୟାଚ୍‌କୁ ଅଭୟ ରାଉତ, ସୁଶୀଲ ଗଣ୍ଡିଆ ପରିଚାଳନା କରିଥିବାବେଳେ ଅବିନାଶ ରାଉତ, ପ୍ରବୀର ରାଉତ ସ୍କୋରର ରହିଥିଲେ। ବାଦଲ ରାଉତ ଧାରାବିବରଣୀ ଦେଇଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୩୧ ତାରିଖ ଯାଏ ଚାଲିବ ବୋଲି କ୍ଲବ ସଭାପତି ଜଗବନ୍ଧୁ ରାଉତ ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା କଳିଙ୍ଗ ହର୍ବାଲ ମେଳା


ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାରେ ଖୋଲିଥିବା ଷ୍ଟଲ।

**ଢେଙ୍କାନାଳ ଅଫିସ, ୨୩।୧୨**

- ୨୫ ଷ୍ଟଲରେ ବ୍ୟବସାୟ
- ୨୭ ତାରିଖ ଯାଏ ଚାଲିବ
- ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସୁରପ୍ରତାପ ସ୍ମୃତିପୀଠ ପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଛି ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା। ୨୭ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳାକୁ ଜଙ୍ଗଲ ଓ ପରିବେଶ ବିଭାଗ ମୁଖ୍ୟ ବନ ସଂରକ୍ଷକ ତଥା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେନ୍ଦ୍ର ପ୍ରସାଦ ମହାପାତ୍ର ଉଦ୍‌ଘାଟନ କରିଥିଲେ।

ମେଳାରେ ୨୫ ଷ୍ଟଲ ଖୋଲାଯାଇଛି। ଏଥିରେ ଔଷଧୀୟ ବୃକ୍ଷଲତା ସହିତ ଜଡ଼ିତ ବ୍ୟକ୍ତି, ଅଭିଜ୍ଞ ବୈଦ୍ୟ, କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି, ଆୟୁର୍ବେଦ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଅଂଶଗ୍ରହଣ କରିଛନ୍ତି। ମଧୁମେହ, ଉଚ୍ଚ ରକ୍ତଚାପ, ଚର୍ମରୋଗ, ସ୍ତ୍ରୀରୋଗର ଉପଚାର ସମ୍ପର୍କରେ ପରାମର୍ଶ ଦିଆଯାଉଛି। ବିଭିନ୍ନ ଦିବସରେ ଆଲୋଚନାଚକ୍ର, ବୈଦ୍ୟ ସମ୍ମିଳନୀ, କର୍ମଶାଳା, ଆୟୁର୍ବେଦ ଓ ହୋମିଓପ୍ୟାଥିକ ଡାକ୍ତର ସମ୍ମିଳନୀ ଅନୁଷ୍ଠିତ ହେବ। ଔଷଧୀୟ ଉଦ୍ଭିଦ ଚାଷୀ ଔଷଧୀୟ ଚାରାର ଉପକାରିତା ଏବଂ ଏହାକୁ ଲଗାଇବା ପ୍ରଣାଳୀ ବିଷୟରେ ଉତ୍ସାହୀ ଜନସାଧାରଣଙ୍କୁ ଅବଗତ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକଙ୍କୁ ବିନା ଦେୟରେ ହର୍ବାଲ ଚା' ବଣ୍ଟନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଉଦ୍‌ଘାଟନୀ ସମାରୋହରେ ଡିଏଫ୍‌ଓ ସୁଦର୍ଶନ ପାତ୍ରଙ୍କ ସମେତ ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ୨୦୦୮ରୁ କଳିଙ୍ଗ ହର୍ବାଲ ମେଳା ଆୟୋଜିତ ହୋଇଆସୁଛି। ଏଥିପୂର୍ବରୁ ଚଳିତବର୍ଷର କଟକ ଜିଲା ବାଙ୍କୀ, ପୁରୀ ଶରଧାବାଲିରେ ମେଳା ଅନୁଷ୍ଠିତ ହୋଇସାରିଛି। ପୂର୍ବାହ୍ନ ୧୧ଟାରୁ ରାତି ୯ଟା ଯାଏ ଷ୍ଟଲ୍ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

